# NATIONAL NEWS BULLETIN (ODIA)

## 5 September - 2024

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ଭାରତ ଓ ସିଙ୍ଗାପୁର ମଧ୍ୟରେ ରଣନୈତିକ ସହଯୋଗ ଅଗ୍ରଗତି ସମୀକ୍ଷା କଲେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ।
- ଶିକ୍ଷକଦିବସ ଅବସରରେ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ୮୨ଜଣ ଶିକ୍ଷକଙ୍କୁ ସମ୍ମାନିତ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ହରିୟାଣା ବିଧାନସଭା ଏବଂ ଜାମ୍ମୁ-କାଶ୍ମୀର ବିଧାନସଭାର ତୃତୀୟ ପର୍ଯ୍ୟାୟ ଲାଗି ବିଜ୍ଞପ୍ତି ପ୍ରକାଶ ।
- ନାଗାଲାଣ୍ଡରେ ଭୂ-ସ୍ଖଳନରେ ୬ ମୃତ, ୩ ଆହତ ।

ଏବଂ

- ଆନ୍ଧ୍ରପ୍ରଦେଶର ବନ୍ୟା ପ୍ରଭାବିତ ଅଞ୍ଚଳ ଗ୍ରସ୍ତ କରୁଛନ୍ତି କେନ୍ଦ୍ରୀୟ ଦଳ ।

# ପିଏମ୍-ଟକ୍ ସିଙ୍ଗାପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲରେନ୍ସ ଓ୍ୱଙ୍ଗଙ୍କ ସହ ପ୍ରତିନିଧିମଣ୍ଡଳୀ ସ୍ତରୀୟ ଆଲୋଚନା କରିଛନ୍ତି । ଶ୍ରୀ ମୋଦୀ ଦୁଇଦିନିଆ ସିଙ୍ଗାପୁର ଗସ୍ତରେ ଯାଇଛନ୍ତି । ବୈଠକ ସମୟରେ ଉଭୟ ନେତା ଭାରତ-ସିଙ୍ଗାପୁର ରଣନୈତିକ ସହଯୋଗ କ୍ଷେତ୍ରରେ ଘଟିଥିବା ପ୍ରଗତି ଉପରେ ସମୀକ୍ଷା କରିବା ସହ ପରସ୍ପରର ହିତସାଧନ ସମ୍ପର୍କିତ ପ୍ରସଙ୍ଗ ଓ ବିଶ୍ୱ ସମସ୍ୟା ଉପରେ ଆଲୋଚନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ସିଙ୍ଗାପୁର କେବଳ ଏକ ସହଯୋଗୀ ଦେଶ ନୁହେଁ ବରଂ ପ୍ରତ୍ୟେକ ବିକାଶଶୀଳ ରାଷ୍ଟ୍ର ପାଇଁ ପ୍ରେରଣା ଅଟେ । ସେ କହିଛନ୍ତି ଭାରତ ସରକାର ଦେଶ ମଧ୍ୟରେ ଅନେକ ସିଙ୍ଗାପୁର ନିର୍ମାଣ କରିବାକୁ ଚାହାନ୍ତି ଏବଂ ଆନନ୍ଦର କଥା ହେଉଛି ଉଭୟ ପକ୍ଷ ଏହି କ୍ଷେତ୍ରରେ ମିଳିତଭାବେ କାର୍ଯ୍ୟକରିବେ । ଶ୍ରୀ ମୋଦୀ କହିଛନ୍ତି ଉଭୟ ଦେଶ ମଧ୍ୟରେ ସ୍ଥାପିତ ମନ୍ତ୍ରିସ୍ତରୀୟ ରାଉଣ୍ଡ ଟେବୁଲ ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ।

ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଉଭୟଦେଶ ମଧ୍ୟରେ ଆଜି ହୋଇଥିବା ବୈଠକ ସଫଳ ହୋଇଛି । ଉଭୟପକ୍ଷ ଭାରତ-ସିଙ୍ଗାପୁର ସମ୍ପର୍କକୁ ବ୍ୟାପକ ରଣନୈତିକ ସହଯୋଗରେ ପରିଣତ କରିବା ଲାଗି ରାଜି ହୋଇଛନ୍ତି । ଦୁଇଦେଶର ପ୍ରତିନିଧିମଣ୍ଡଳୀ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ସେ କହିଛନ୍ତି ସ୍ୱାସ୍ଥ୍ୟ ଏବଂ ଔଷଧ, କୌଶଳ

ବିକାଶ ଏବଂ ଭାରତ-ସିଙ୍ଗାପୁର ସେମି କଣ୍ଡକ୍ଟର ପ୍ରଣାଳୀ କ୍ଷେତ୍ରରେ ସହଯୋଗନେଇ ଉଭୟଦେଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ଏହାପୂର୍ବରୁ ସିଙ୍ଗାପୁର ସଂସଦ ଭବନରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ପ୍ରଧାନମନ୍ତ୍ରୀ ମୋଦୀ ବ୍ରୁନେଇ ଯାତ୍ରା ପରେ ଗତକାଲି ସିଙ୍ଗାପୁରର ଲାୟନ ସିଟିରେ ପହଞ୍ଚିଥିଲେ । ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ରାତ୍ରିଭୋଜନର ଆୟୋଜନ କରିଥିଲେ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି । ସେ କହିଛନ୍ତି ଭାରତ, ସିଙ୍ଗାପୁର ସହ ସମ୍ପର୍କକୁ ମହତ୍ୱପୂର୍ଣ୍ଣ ମନେକରୁଛି ।

---

# ଟିଚର୍ସ ଡେ

ସାରା ଦେଶରେ ଆଜି ଶିକ୍ଷକ ଦିବସ ପାଳନ କରାଯାଉଛି । ପୂର୍ବତନ ରାଷ୍ଟ୍ରପତି ତଥା ଶିକ୍ଷାବିତ୍ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିବସକୁ ଶିକ୍ଷକ ଦିବସ ଭାବେ ପାଳନ କରାଯାଇଥାଏ । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନରେ ୮୨ଜଣ ଶିକ୍ଷକଙ୍କୁ ଜାତୀୟ ପୁରସ୍କାରରେ ସମ୍ମାନିତ କରିବେ । ଅପରାହ୍ଣ ୪ଟା ୧୦ମିନିଟ୍‌ରୁ ଆକାଶବାଣୀର ଦିଲ୍ଲୀ ସମେତ ଏଫ୍‌ଏମ୍ ଗୋଲ୍ଡ, ଇନ୍ଦ୍ରପ୍ରସ୍ଥ ଚ୍ୟାନେଲ, ଆକାଶବାଣୀ ଲାଇଭ୍ ନିଉଜ୍, ଆକାଶବାଣୀ ଏଆଇଆର୍ ୟୁ-ଟ୍ୟୁବ୍ ଚ୍ୟାନେଲରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରତ୍ୟେକ ବର୍ଷ

ଜାତୀୟସ୍ତରୀୟ ଶିକ୍ଷକଦିବସ ଉତ୍ସବରେ ଦେଶର ଶ୍ରେଷ୍ଠ ଶିକ୍ଷକମାନଙ୍କୁ ଜାତୀୟ ପୁରସ୍କାରରେ ସମ୍ମାନିତ କରାଯାଇଥାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିକ୍ଷକ ଦିବସ ଅବସରରେ ଦେଶର ସମସ୍ତ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଆଜିର ଦିନରେ ଯୁବପିଢ଼ୀର ବିଚାରଧାରାକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା କ୍ଷେତ୍ରରେ ଶିକ୍ଷକମାନଙ୍କ ଭୂମିକା ପ୍ରତି ସମ୍ମାନ ଜଣାଇବାର ଅବସର ଅଟେ । ପ୍ରଧାନମନ୍ତ୍ରୀ, ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କୁ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

---

# ଅମୃତ ଉଦ୍ୟାନ

ଶିକ୍ଷକ ଦିବସ ଅବସରରେ ଆଜି ରାଷ୍ଟ୍ରପତି ଭବନରେ ଥିବା ଅମୃତ ଉଦ୍ୟାନ କେବଳ ଶିକ୍ଷକଙ୍କ ଲାଗି ଖୋଲା ରହିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଅବସରରେ ଅମୃତ ଉଦ୍ୟାନରେ ଶିକ୍ଷକମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଲୋଚନା କରୁଛନ୍ତି । ଶିକ୍ଷକ ଦିବସ ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଷ୍ଟ୍ରପତି ଭବନରେ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।

ଅମୃତ ଉଦ୍ୟାନ ଗ୍ରୀଷ୍ମକାଳୀନ ବାର୍ଷିକ ସଂସ୍କରଣ ୨୦୨୪ ଗତମାସ ୧୬ ତାରିଖଠାରୁ ଆରମ୍ଭ ହୋଇ ଚଳିତମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ସୋମବାର ବ୍ୟତୀତ ଜନସାଧାରଣ ମାଗଣାରେ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଏହି ସଂସ୍କରଣରେ ଭାଗ ନେଇପାରିବେ । ଏଥିଲାଗି ପରିଦର୍ଶକଙ୍କୁ ରାଷ୍ଟ୍ରପତି ଭବନ ୱେବ୍‌ସାଇଟ୍‌ରେ ନିଜର

ଅନ୍‌ଲାଇନ୍ ମାଧ୍ୟମରେ ସ୍ଲଟ୍ ବୁକିଂ କରିବାକୁ ପଡ଼ିବ । ଏତଦ୍‌ବ୍ୟତୀତ ଓ୍ୱାକ୍‌ଇନ୍ ଭିଜିଟର୍ସମାନେ ଗେଟ୍ ନମ୍ବର ୩୫ ସମ୍ମୁଖରେ ଥିବା କିଓସ୍କୋରେ ନିଜ ନାମ ପଞ୍ଜୀକୃତ କରାଇ ପାରିବେ । ଗତକାଲି ସୁଦ୍ଧା ଏହି ସମାରୋହରେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ପରିଦର୍ଶକ ପରିଦର୍ଶନ କରିସାରିଛନ୍ତି ବୋଲି ଏକ ବିବୃତିରେ କୁହାଯାଇଛି ।

---

## ମୁମ୍ବାଇ-ଶିବାଜୀ

ମହାରାଷ୍ଟ୍ରର ରାଜକୋଟ ଦୁର୍ଗରେ ଛତ୍ରପତି ଶିବାଜୀ ମହାରାଜଙ୍କ ମୂର୍ତ୍ତି ନିର୍ମାଣ କରିଥିବା କାରିଗର ଜୟଦୀପ ଆପ୍‌ତେଙ୍କୁ ଗତ ରାତିରେ କଲ୍ୟାଣରୁ ଗିରଫ କରାଯାଇଛି । ଗତମାସ ୨୬ ତାରିଖରେ ଶିବାଜୀ ମହାରାଜଙ୍କ ମୂର୍ତ୍ତି ଗଳିପଡିବା ପରଠାରୁ ଜୟଦୀପ ଆପ୍‌ତେ ଫେରାର ଥିଲେ । ମାମଲାରେ ପୁଲିସ ପକ୍ଷରୁ ଲୁକ୍‌ଆଉଟ୍ ନୋଟିସ୍ ଜାରି କରାଯାଇଥିଲା । ଗତ ରାତିରେ କଲ୍ୟାଣସ୍ଥିତ ବାସଭବନରୁ ତାଙ୍କୁ ଗିରଫ କରାଯାଇଥିବା ଜଣାପଡିଛି ।

---

## ହରିୟାଣା-ଅଧିସୂଚନା

ହରିୟାଣା ବିଧାନସଭା ନିର୍ବାଚନ ନିମନ୍ତେ ନିର୍ବାଚନ ଆୟୋଗ ଆଜି ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏଥିସହିତ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ସୂଚନା ଅନୁଯାୟୀ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ଚଳିତମାସ ୧୨ତାରିଖ ଅନ୍ତିମ ତିଥି ଥିବାବେଳେ ୧୩ ତାରିଖରେ ଯାଞ୍ଚ ହେବ । ସେପ୍ଟେମ୍ବର ୧୬ ତାରିଖ ମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟଧାର୍ଯ୍ୟ କରାଯାଇଛି । ହରିୟାଣା ବିଧାନସଭାର ୯୦ଟି ଆସନ ପାଇଁ

ଅକ୍ଟୋବର ୫ ତାରିଖରେ ମତଦାନ ଅନୁଷ୍ଠିତ ହେବ ଏବଂ ଅକ୍ଟୋବର ୮ ତାରିଖରେ ମତଗଣନା ହେବ ।

## ଜାମ୍ମୁ କାଶ୍ମୀର-ଥାର୍ଡ ଫେଜ୍

କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ କାଶ୍ମୀରରେ ଆଗାମୀ ବିଧାନସଭା ନିର୍ବାଚନର ତୃତୀୟ ପର୍ଯ୍ୟାୟ ଲାଗି ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ତୃତୀୟ ପର୍ଯ୍ୟାୟରେ ୪୦ଟି ବିଧାନସଭା ଆସନ ନିମନ୍ତେ ଅକ୍ଟୋବର ୧ ତାରିଖରେ ମତଦାନ ଓ ୮ ତାରିଖରେ ମତଗଣନା ହେବ । ପ୍ରାର୍ଥୀମାନେ ଚଳିତମାସ ୧୨ ତାରିଖ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଥିବାବେଳେ ୧୩ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୧୭ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇପାରିବ । ସେପ୍ଟମ୍ବର ୨୫ ତାରିଖରେ ୨୬ଟି ବିଧାନସଭା ଆସନ ନିମନ୍ତେ ହେବାକୁଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ରହିଛି ।

## ଜାମ୍ମୁକାଶ୍ମୀର-ସେକେଣ୍ଡ ଫେଜ୍

ଜାମ୍ମୁ କାଶ୍ମୀରର ରିଆସି, ରାଜୌରୀ ଏବଂ ପୁଞ୍ଚ ଜିଲ୍ଲାର ୧୧ଟି ବିଧାନସଭା ଆସନ ନିମନ୍ତେ ହେବାକୁ ଥିବା ନିର୍ବାଚନ ଲାଗି ୨୨ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେମାନଙ୍କ ମଧ୍ୟରେ ୨ଜଣ ପୂର୍ବତନ ମନ୍ତ୍ରୀ ଏବଂ ୬ଜଣ ବିଧାୟକ ଅଛନ୍ତି । ଆଜି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ରହିଛି । ଜାମ୍ମୁ କାଶ୍ମୀର ବିଜେପି ମୁଖ୍ୟ ରବିନ୍ଦର ରୈନା ରାଜୌରୀ ଜିଲ୍ଲାର ନୌସେରା ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିବେ । ବୁଧଲରୁ ୨ଜଣ ପୂର୍ବତନ ମନ୍ତ୍ରୀ, ଜୁଲଫୋକାର ଚୌଧୁରୀ ଏବଂ ସୁରନକୋଟରୁ

ମୁସ୍ତାକ ଅହମ୍ମଦ ବୁଖାରୀ ବିଜେପିରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସୁରନକୋଟରୁ ସ୍ୱାଧୀନପ୍ରାର୍ଥୀ ଭାବେ ଚୌଧୁରୀ ମହମ୍ମଦ ଅକରମ, ପୁଞ୍ଛରୁ ନ୍ୟାସନାଲ କନ୍‌ଫରେନ୍ସର ଏଜାଜ ଅହମ୍ମଦ ଜାନ୍ ଏବଂ ଜାମ୍ମୁ-କାଶ୍ମୀର ଆପ୍‌ନୀ ପାର୍ଟିର ଶାହା ମହମ୍ମଦ ତାନ୍ତ୍ରେ, ମେଣ୍ଢରରୁ ଭାଜପାର ମୂର୍ତ୍ତଜା ଖାନ୍, ରିଆସିରେ କଂଗ୍ରେସର ମୁମତାଜ ଖାନ୍ ଏବଂ ରାଜୌରୀ ବିଧାନସଭା ଆସନରୁ ଜାମ୍ମୁ-କାଶ୍ମୀର ପିଡିପିର ତସଦୁକ ହୁସେନ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

---

## ଆସାମ ମନ୍ତ୍ରିମଣ୍ଡଳ

ଆସାମର ମୂଳ ଅଧିବାସୀମାନଙ୍କୁ ଭୂମି, ଭାଷା ଏବଂ ସଂସ୍କୃତିର ସୁରକ୍ଷା ନିମନ୍ତେ ଆସାମ ବୁଝାମଣା ଅନ୍ତର୍ଗତ ଧାରା-୬ ଅନୁଯାୟୀ ଜଷ୍ଟିସ ବିପ୍ଳବ ଶର୍ମା ସମିତି ଦ୍ୱାରା ୮୦ ପ୍ରତିଶତ ସୁପାରିଶ ଲାଗୁ କରିବା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ଆସାମ ମନ୍ତ୍ରିମଣ୍ଡଳ ଗ୍ରହଣ କରିଛି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗଣମାଧ୍ୟମକୁ କହିଛନ୍ତି ଜଷ୍ଟିସ ବିପ୍ଳବ ଶର୍ମା ସମିତି ଦ୍ୱାରା ଦିଆଯାଇଥିବା ଶତଷଠିଟି ସୁପାରିଶ ମଧ୍ୟରୁ ୫୭ଟି ସୁପାରିଶ ଆସନ୍ତାବର୍ଷ ଏପ୍ରିଲ ୧୫ ମଧ୍ୟରେ ଲାଗୁ କରାଯିବ ।

ମନ୍ତ୍ରିମଣ୍ଡଳର ଆଉଏକ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାରୀ କର୍ମଚାରୀଙ୍କ ଦୁର୍ଘଟଣା ଯୋଗୁଁ ମୃତ୍ୟୁ କିମ୍ବା ସ୍ଥାୟୀ ରୂପେ ଅକ୍ଷମ ହେବା କ୍ଷେତ୍ରରେ ୧ କୋଟି ଟଙ୍କାର ବୀମା କରାଯିବ । ଆଂଶିକ ଅକ୍ଷମତା ପାଇଁ ୮୦ଲକ୍ଷ ଟଙ୍କାର ବୀମା କରାଯିବ ବୋଲି ଜଣାପଡିଛି । ଏହାଛଡା ରାଜ୍ୟର ୨୦ଲକ୍ଷ ଲୋକଙ୍କୁ ନୂଆ ରାସନ କାର୍ଡ ବଣ୍ଟନ ପ୍ରସ୍ତାବକୁ ମଧ୍ୟ ମନ୍ତ୍ରିମଣ୍ଡଳ ଅନୁମୋଦନ କରିଛି ।

---

# ନାଗାଲାଣ୍ଡ-ଲ୍ୟାଣ୍ଡସ୍ଲାଇଡ

ନାଗାଲାଣ୍ଡରେ ଗତ ରାତିରେ ପ୍ରବଳ ବର୍ଷା ଯୋଗୁଁ କୋହିମା ଏବଂ ଦିମାପୁର ମଧ୍ୟସ୍ଥ ୨୯ ନମ୍ବର ଜାତୀୟ ରାଜପଥରେ ଭୂ-ସ୍ଖଳନ ଘଟିଛି । ଭୂ-ସ୍ଖଳନରେ ୬ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୫ଜଣ ପୁରୁଷ ଓ ଜଣେ ମହିଳା ଅଛନ୍ତି । ଗତ ରାତିରେ ଫେରିମା ଏବଂ ପିକେମା ନିକଟରେ ଓ ଆଜି ସକାଳେ ପଗଲା ପାହାଡ଼ରେ ଭୂ-ସ୍ଖଳନ ହୋଇଛି । ଭୂ-ସ୍ଖଳନ ଯୋଗୁଁ ରାଜପଥରେ ଯାନବାହନ ଗମନାଗମନ ସମ୍ପୂର୍ଣ୍ଣରୂପେ ବନ୍ଦ ରହିଛି । ମୁଖ୍ୟମନ୍ତ୍ରୀ ନେଫ୍ୟୁ ରିଓ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଏକ ଉଚ୍ଚସ୍ତରୀୟ ବୈଠକ କରିଥିବା ଜଣାପଡିଛି । ବୈଠକରେ ଉପମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ରାଜ୍ୟ ସରକାର ମୃତକଙ୍କ ପରିବାର ପିଛା ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିବାବେଳେ ଆହତମାନଙ୍କ ପିଛା ୧୬ହଜାର ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି ।

---

# ଆନ୍ଧ୍ରପ୍ରଦେଶ ଟିମ୍

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସଞ୍ଜୀବ କୁମାର ଜିନ୍ଦଲଙ୍କ ନେତୃତ୍ୱରେ ଏକ କେନ୍ଦ୍ରୀୟ ଦଳ ଆଜି ଆନ୍ଧ୍ରପ୍ରଦେଶର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରୁଛନ୍ତି । କେନ୍ଦ୍ରୀୟ ଦଳ ଆନ୍ଧ୍ରପ୍ରଦେଶରେ ପ୍ରବଳ ବର୍ଷା ଏବଂ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତି ଆକଳନ କରିବେ । ସୂଚନା ଅନୁଯାୟୀ କେନ୍ଦ୍ରୀୟ ଦଳ ଆନ୍ଧ୍ରପ୍ରଦେଶ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ

ମୁଖ୍ୟାଳୟରେ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି ।

---